ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ

ଭୁବନେଶ୍ୱର,୫।୮(ନି.ପ୍ର): ଏକ ବଳିଷ୍ଠ ନାରୀ ନେତୃତ୍ୱ ଓ ନାରୀ ଜାଗରଣର ମହାନାୟିକା ତଥା ଲୌହ ମାନବୀ ଦେଶ ମାତୃକା ଓ ରାଜ୍ୟ ପାଇଁ ଉତ୍ସର୍ଗୀକୃତ ସଂଗ୍ରାମ କରିଥିବା ବିଶିଷ୍ଟ ସାହିତ୍ୟ ସାଧିକା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଯୋଜନା କମିଶନ ଅଧ୍ୟକ୍ଷା ଲୌହ ମାନବୀ ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ୧୩ତମ ଶ୍ରାଦ୍ଧ ବାର୍ଷିକ ଅବସରରେ 'ନାଲନ୍ଦିବିହାର ଯୁବ ଓ ସାଂସ୍କୃତିକ ସଂଘ' ତରଫରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ସଦସ୍ୟବୃନ୍ଦ, ଅଞ୍ଚଳର ବରିଷ୍ଠ ନାଗରିକ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଶତପଥୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ସମାଜସେବୀ ତଥା ଅତୀତରେ ତାଙ୍କ ସହ କାର୍ଯ୍ୟକରିଥିବା ଯୁବନେତା ତଥା ସଂଘର ସାଧାରଣ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ(ପିଲୁ) ନାରୀ ସଶକ୍ତିକରଣ ଲକ୍ଷ୍ୟ ପୂରଣ ପାଇଁ ତାଙ୍କ ଆତ୍ମଜୀବନୀକୁ ବିଦ୍ୟାଳୟ, ମହାବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଠାରେ ଦୃଢ ଦାବି କରିବା ସହ ତାଙ୍କ ପୈତୃକ ଜନ୍ମସ୍ଥାନରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା ଓ ସମାଜସେବା କିମ୍ବା ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିବର୍ଷ ରାଜ୍ୟ ସରକାର ଜଣେ ନାରୀ ପ୍ରତିଭା ଓ ଶିଶୁ ପ୍ରତିଭାଙ୍କୁ ସମ୍ମାନୀତ କରିବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଆଗାମୀ ଦିନରେ ଦୃଢ ଦାବି ରଖିବା ପାଇଁ ସଂଘରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରାଗଲା। ତାଙ୍କ ନାମରେ ଏକ ମହିଳା ମହାବିଦ୍ୟାଳୟ ଯେଉଁଥିରେ ଆର୍ଥିକ ଦୁର୍ବଳଶ୍ରେଣୀ ଓ ସମାଜରେ ବିଭିନ୍ନ ପ୍ରକାରର ଧନ୍ଦାମୂଳକ ଓ ବୈଷୟିକ ପାଠ୍ୟକ୍ରମରେ ପଢିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା ଛାତ୍ରୀମାନେ ପଢିବାର ସୁଯୋଗ ପାଇବା ସହ ତାଙ୍କ ଭଳି ଜଣେ ଦୃଢମନା ମହିଳାଙ୍କ ସମ୍ପର୍କରେ ଜାଣିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ। ସଭା ପ୍ରାରମ୍ଭରେ ସ୍ୱର୍ଗତା ନନ୍ଦିନୀ ଦେବୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପୁଷ୍ପସ୍ତବକ ଦିଆଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପରେ କ୍ୟାଣ୍ଡେଲ ପ୍ରଜ୍ୱଳନ କରି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଉକ୍ତ ସଭାରେ ସଂଘର ବରିଷ୍ଠ ସଭ୍ୟ ତଥା କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାହୁ, କୁମର ବାରିକ, ଜୀବନ ପଟ୍ଟନାୟକ, ଗଦାଧର ପ୍ରସାଦ ରଥ, ଜ୍ଞାନେନ୍ଦ୍ର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର, କୈଳାସ ସାହୁ, ଶିଶିର ମହାରଣା, ଅର୍ଜୁନ ବେହୁରା, ବାଳକୃଷ୍ଣ ମଣ୍ଡଳ, ନିରଞ୍ଜନ ସାହୁ ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ ସଂପାଦକ ବଟକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଜୟନ୍ତୀ ପାଳିତ

'କର୍ମଯୋଗୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପଣ୍ଡା ଲୋକଜୀବନ ଗଢିବାରେ ସମର୍ଥ ଥିଲେ'

କୃଷ୍ଣଚନ୍ଦ୍ର ପଣ୍ଡାଙ୍କ
ଜୟନ୍ତୀ ସମାରୋହ

ବଲାଙ୍ଗୀର,୫।୮(ନି.ପ୍ର): ଗତ ୪ ତାରିଖ ରବିବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲ୍ଲା ସାମ୍ବାଦିକ ସଂଘ ସାମ୍ବାଦିକଭବନରେ କୃଷ୍ଣଚନ୍ଦ୍ର ପଣ୍ଡା ସ୍ମୃତି କମିଟି ଓ ଜିଲ୍ଲା ସାମ୍ବାଦିକ ସଂଘ ମିଳିତ ଆୟୋଜନରେ ୧୦୩ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଥିଲା। କର୍ମଯୋଗୀ କୃଷ୍ଣଚନ୍ଦ୍ର ପଣ୍ଡା ଲୋକ ଜୀବନ ଗଢିବାରେ ସମର୍ଥ ଥିଲେ। ସ୍ୱର୍ଗତ ପଣ୍ଡା ଶିକ୍ଷା ପ୍ରସାର କ୍ଷେତ୍ରରେ ତାଙ୍କର ଅବିସ୍ମରଣୀୟ ଅବଦାନ ରହିଛି। ରାଜ୍ୟସଭା ସାଂସଦ, ବିଧାନସଭା ସଭା ସଦସ୍ୟ ଏବଂ ବଲାଙ୍ଗୀର ପୌର ପରିଷଦ ଅଧ୍ୟକ୍ଷ ଭାବେ ତାଙ୍କରି ସାର୍ଥକ ନିଷ୍ଠା ଓ କାର୍ଯ୍ୟ ସର୍ବତ୍ର ସେ ସୁବିଦିତ ଥିଲେ। ସ୍ମୃତି ସଭାରେ ସ୍ମୃତି କମିଟି ସଭାପତି ଭାଗବତ ପ୍ରସାଦ ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପରୀକ୍ଷିତ ସେଠୀ, ସମ୍ମାନିତ ଅତିଥି ଭାରତୀୟ ଷ୍ଟେଟବ୍ୟାଙ୍କର ଅବସରପ୍ରାପ୍ତ ଡିଜିଏମ ଶଶାଙ୍କ ଶେଖର ପୁରୋହିତ, ମୁଖ୍ୟବକ୍ତା ଭାବରେ ପ୍ରସାରଭାରତୀର ଅବସରପ୍ରାପ୍ତ ଡିଡି ଅଜୟ କୁମାର ପାଢୀ ଯୋଗଦେଇଥିଲେ। ସ୍ମୃତି କମିଟିର ଆବାହକ ଲଳିତ କୁମାର ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାର ପ୍ରାରମ୍ଭରେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ବରିଷ୍ଠ ସାମ୍ବାଦିକ ଅରବିନ୍ଦ ଦାସ ସଭାକୁ ସଂଯୋଜନା କରିଥିଲେ। ମଞ୍ଚାସୀନ ଅତିଥି ବୃନ୍ଦଙ୍କୁ ଆୟୋଜନ କମିଟି ତରଫରୁ ଅଙ୍ଗ ବସ୍ତ୍ର ଓ ସ୍ମୃତି ଫଳକ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଜୟନ୍ତୀ ସଭା ପରେ ସାମ୍ବାଦିକ ସନ୍ଦିପ କୁର୍ଥିଆ ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତୀ ସଭାରେ ସହରର ବିଶିଷ୍ଟ ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗ ଦେଇଥିଲେ।

କୃଷକଙ୍କ ଆର୍ଥିକ ବିକାଶ ଲକ୍ଷ୍ୟରେ ଲେମନ ଗ୍ରାସ ଚାଷ

ନବରଙ୍ଗପୁର,୫।୮(ନି.ପ୍ର): ନବରଙ୍ଗପୁର ଜିଲ୍ଲାରେ କୃଷି ବିଜ୍ଞାନ ଓ ପ୍ରଯୁକ୍ତି ମାଧ୍ୟମରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୨୫ଏକର ଜମିରେ ଲେମନ ଗ୍ରାସ ଚାଷ କରାଯିବା ଏନେଇ ପ୍ରଥମ ପର୍ଯ୍ୟାୟରେ ୪ ଜଣ ଚାଷୀ ଏହି ଚାଷ ଆରମ୍ଭ କରିବେ । ଏଥିପାଇଁ ଇଣ୍ଟେଗ୍ରି କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ମାଗଣାରେ ୨ଲକ୍ଷ ଚାରା ଯୋଗାଇଦିଆଯାଇଛି । ଏହି କାର୍ଯ୍ୟକ୍ରମରୁ ନବରଙ୍ଗପୁର ଜିଲ୍ଲାପାଳ ଡ଼ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ନବରଙ୍ଗପୁର ଜିଲ୍ଲା କୃଷି ଉପ ନିର୍ଦ୍ଦେଶକ ବ୍ରଜ କିଶୋର ଜେନା , ଯୋଜନା ଅଧିକାରୀ ଏମ ଆନନ୍ଦ ରାଓ , କୃଷି ବୈଜ୍ଞାନିକ ବିନୟ କୁମାର ଯାଦବ ପ୍ରମୁଖ ଉପସ୍ଥିତ ରହିଥିଲେ । ଡିଗିସଲାପ ଗାଁର ପରେଶ ଷଡ଼ଙ୍ଗୀ ୫ଏକର , ତେଙ୍ଗାପୋଦାଗୁଡାର ସୁଧାଂଶୁ ପତି ୧୦ଏକର , ପ୍ରଶାନ୍ତ ରଥ ୫ଏକର ଓ କୃଷ୍ଣ ଚନ୍ଦ୍ର ନାୟକ ୫ଏକର ଜମିରେ ଏହି ଚାଷ କରିବେ । ଏହି ଚାଷ ଦ୍ୱାରା ବାହାରୁ ଥିବା ଲେମନ ଗ୍ରାସ ତେଲରୁ ବାର୍ଷିକ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭବାନ ହେବେ । ଚାରା ଲଗାଇବାର ୬ମାସ ପରେ କଟାଯିବ । ପରେ ପ୍ରତି ୩ମାସରେ ଥରେ କଟାଯାଇ ସେଥିରୁ ତେଲ ବାହାର କରାଯିବ । ଏଥିରୁ ଏକ କ୍ୱିଣ୍ଟାଲ ପିଛା ଏକ ଲିଟର ତେଲ ବାହାରିବ । ତେଲ ପ୍ରସ୍ତୁତ କରିବା ପାଇଁ ମେସିନ ମଧ୍ୟ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

ଅନ୍ତର୍ଜାତୀୟ ବନ୍ଧୁ ଦିବସ ଉପଲକ୍ଷେ କ୍ୟାନସର ଚେତନା କେନ୍ଦ୍ର ପକ୍ଷରୁ ଆଲୋଚନାଚକ୍ର

ରାଉରକେଲା,୫।୮(ନି.ପ୍ର): ଅନ୍ତର୍ଜାତୀୟ ବନ୍ଧୁ ଦିବସ ଉପଲକ୍ଷେ କ୍ୟାନସର ଚେତନା କେନ୍ଦ୍ର ତରଫରୁ ଏକ ଆଲୋଚନାଚକ୍ର ସାଉନଗରୀ ସ୍ଥିତ ବିଦ୍ୟା ଶ୍ରୀ ଫ୍ଲାଟ ଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ଅଧ୍ୟକ୍ଷ ମିହିର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ରାହାସ ବିହାରୀ ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ଜୀବନରେ ବନ୍ଧୁର ଭୂମିକା ଓ ନିଜସ୍ୱ ଅନୁଭୂତି ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡାକ୍ତର ଅକ୍ଷୟ କୁମାର ସାମଲ, ସମାଜସେବୀ ଅରୁଣ କୁମାର ପରିଡା, ସମାଜ ସୋରେନ, ସେକ୍ଟର-୨୨ ରିଟାୟାର୍ଡ ଆସୋସିଏସନ ସଭାପତି ଦୁଷ୍ମନ୍ତ କୁମାର ନାୟକ, ନାଟ୍ୟକାର ସନାତନ ସାହୁ, ଶିକ୍ଷାବିତ୍ ତ୍ରିନାଥ ଦାସ ମୋହିନୀ, କେନ୍ଦ୍ରର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ସାମ୍ବାଦିକ ତଥା କବି କୁଞ୍ଜ ବିହାରୀ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଦେବା ନେବା ସମ୍ପର୍କରୁ ବାହାରକୁ ଗଲେ ହିଁ ବନ୍ଧୁତ୍ୱ ମିଳିପାରିବ ବୋଲି ଉଲ୍ଲେଖ କରିଥିଲେ। ନିଜ ଭିତରେ ଦମ୍ପତିମାନଙ୍କର ଭୂମିକାକୁ ଦେଖିପାରିଲେ [illegible] ହୋଇପାରିବ। ମାନବୀୟ ଚରିତ୍ର ଥିଲେ ବନ୍ଧୁତ୍ୱ ସମ୍ଭବ । ସର୍ତ୍ତ ଓ ସ୍ୱାର୍ଥ ରହିଲେ ବନ୍ଧୁତ୍ୱ ଟିକିପାରେ ନାହିଁ । ଅସହାୟ ଓ ବିପଦ ବେଳେ ହିଁ ପ୍ରକୃତ ବନ୍ଧୁତ୍ୱର ପରିଚୟ ମିଳିଥାଏ । ବନ୍ଧୁତ୍ୱ ବିନା ବଞ୍ଚିବା ଅସମ୍ଭବ। ପ୍ରତ୍ୟେକଙ୍କ ଜୀବନରେ ବନ୍ଧୁତ୍ୱର ଆବଶ୍ୟକତା ରହିଛି । ପ୍ରାରମ୍ଭରେ ଅଧ୍ୟକ୍ଷ ଶ୍ରୀ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ସଭାପତି ଡା.ମହାପାତ୍ର ସଂଯୋଜନା ସହ ସୁନ୍ଦର ମତ ଉପସ୍ଥାପନ କରିଥିଲେ। ଶ୍ରୀ ରାଉତ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶେଷଦେବ ସାହୁ, ସୁସ୍ମିତା ମହାନ୍ତି, ସରୋଜ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ମାଓ ଅଞ୍ଚଳରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା



ମାଲକାନଗିରି,୫।୮(ନି.ପ୍ର): ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଦୁର୍ଗମ ଖଇରପୁଟ ବ୍ଲକର ନକ୍ସଲ ପ୍ରବଣ ବଦପଡ଼ା ପଞ୍ଚାୟତ ଅନ୍ତର୍ଗତ ଗାଡୁଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପାଠ ପଢିବା ପାଇଁ ପିଲାଙ୍କୁ ନଦୀପାଣିରେ ପଶି ଯିବାକୁ ପଡୁଛି। ସ୍କୁଲ୍ ଘର ବି ଭାଙ୍ଗିରୁଜି ଯାଇଥିବାରୁ ବର୍ଷା ଭିଜା ବାରଣ୍ଡାରେ ବସି ମଧ୍ୟାହ୍ନଭୋଜନ ଖାଇବାକୁ ପଡୁଛି।

୧୧ରୁ ଭୁବନେଶ୍ୱରରେ ସତ୍‌ସଙ୍ଗ ସମ୍ମିଳନୀ

କଟକ, ୫।୮(ନି.ପ୍ର): ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍‌ସଙ୍ଗର ପ୍ରଧାନ ଆଚାର୍ଯ୍ୟଦେବ ଶ୍ରୀ ଶ୍ରୀ ଦାଦା ଷ୍ଟେସନଗରୀ କଟକ-ଭୁବନେଶ୍ୱର ମଧ୍ୟବର୍ତ୍ତୀ ସ୍ଥାନରେ ଏକ ରାଜ୍ୟସ୍ତରୀୟ ବିଶାଳ ସତ୍‌ସଙ୍ଗ 'ସୁଧା-ସର୍ଜନା ମହୋତ୍ସବ'ର ପରିକଳ୍ପନା କରିଛନ୍ତି। ଏଥିପାଇଁ ଭୁବନେଶ୍ୱର ସତ୍‌ସଙ୍ଗ ବିହାରଠାରେ ଆଗାମୀ ୧୧ ତାରିଖ ରବିବାର ପୂର୍ବାହ୍ନରେ ଓଡ଼ିଶାର ଋତ୍ୱିକମାନଙ୍କୁ ନେଇ ରାଜ୍ୟସ୍ତରୀୟ ସମ୍ମିଳନୀ କରାଯିବ।

ହାଇମାଷ୍ଟ ଲାଇଟ୍ ଅଚଳ ଅଭିଯୋଗ

ଦେବଗଡ଼, ୫।୮ (ନି.ପ୍ର): ଦେବଗଡ଼ ଜିଲ୍ଲା ରିଆମାଳ ବଜାର ଗୃହ ଓ ସୁଲଭ ଶୌଚାଳୟ ଆଗରେ ଏକ ବିରାଟ ହାଇମାଷ୍ଟ ଷ୍ଟ୍ରିଟ ଲାଇଟ ଦୀର୍ଘ ୬ମାସ ହେବ ଅଚଳ ହୋଇପଡିଛି। ରାତିରେ ଯାତାୟାତ କରୁଥିବା ଯାତ୍ରୀ ଅନ୍ଧାରରେ ନିଜକୁ ଅସୁରକ୍ଷିତ ମନେ କରୁଥିବାବେଳେ ହଇରାଣ ହେଉଥିବା ଦେଖାଯାଉଛି। ଅନ୍ଧାର ଥିବାରୁ ଶୌଚାଳୟ ଯିବାକୁ ଡରୁଛନ୍ତି। ଏନେଇ କୌଣସି ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନ ପଡିବା ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାତିରେ ବସ୍ ଯାତ୍ରୀମାନେ ଓହ୍ଲାଇ ହଇରାଣ ହରକତ ହେଉଛନ୍ତି। ରିଆମାଳ ପଞ୍ଚାୟତଙ୍କୁ ଏ ବିଷୟରେ ପଚାରିଲେ ସେ ଟାଳ ଟୁଳ ନୀତି ଅବଲମ୍ବନ କରୁଛନ୍ତି। ହାଇମାଷ୍ଟ ୩ଲକ୍ଷ ଟଙ୍କାର ଷ୍ଟ୍ରିଟ ଲାଇଟ୍ ଅଚଳ। ଯଥାଶୀଘ୍ର ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଲାଇଟ ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ଦାବି ହେଉଛି।

କଲେଜ ଅଫ୍ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ସ୍ୱଚ୍ଛତା ପକ୍ଷ ଉଦ୍‌ଘାଟିତ

ବାରିପଦା,୫।୮(ନି.ପ୍ର): ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱଚ୍ଛତା (ସ୍ୱଚ୍ଛତା ପକ୍ଷ) ଉଦ୍‌ଘାଟିତ ହୋଇଯାଇଛି । ଗତ ୧ ତାରିଖରୁ ଅଗଷ୍ଟ୧୫ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ପାଳିତ ହେବାକୁ ଥିବା ଏହି ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀ ତଥା ଏନ.ଏସ.ଏସ. ସ୍ୱେଚ୍ଛାସେବୀଙ୍କୁ ସ୍ୱଚ୍ଛତାର ମହତ୍ତ୍ୱ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ସ୍ୱଚ୍ଛତା ଓ ଶୃଙ୍ଖଳିତ ବ୍ୟକ୍ତି ଜୀବନ ପରସ୍ପର ପରିପୂରକ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଏନ.ଏସ.ଏସ. ସ୍ୱେଚ୍ଛାସେବୀ ଗଣ ମହାବିଦ୍ୟାଳୟ ପରିସରରୁ ସଫା କରିବା ସହ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ନିମନ୍ତେ ଶପଥ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅଧ୍ୟାପକ ମଦନ ମୋହନ ସାହୁ, ଗଣେଶ ଚନ୍ଦ୍ର ପରିଡା, ସାଗରୀକା ପଣ୍ଡା, ଶତାବ୍ଦୀକା ମହାନ୍ତି, ରାମଚନ୍ଦ୍ର ଜେନା, ବିବେକ ବେହେରା, ପଞ୍ଚାନନ ସାହୁ, ସବିତାରାଣୀ ଦାଶ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଆଗାମୀ ପନ୍ଦର ଦିନ ବ୍ୟାପୀ ପାଳିତ ହେବାକୁ ଥିବା ଏହି ସ୍ୱଚ୍ଛତା ପକ୍ଷ ଅବସରରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ, ସଫେଇ ଓ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ବିଜିନେସ କ୍ୱିଜ 'ଉଡ଼ାନ'ରେ ରନର୍ସ ଅପ୍ ଆର୍ଏସ୍‌ପି ଦଳ ସିଇଓଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ରାଉରକେଲା,୫।୮(ନି.ପ୍ର): ନବମ କର୍ପୋରେଟ ବିଜିନେସ କୁଇଜ 'ଉଡ଼ାନ ୨୦୧୯'ରେ ପ୍ରଥମ ରନର୍ସ ଅପ ହୋଇଥିବା ରାଉରକେଲା ଇସ୍ପାତ କାରଖାନାର ଦଳକୁ ଆରଏସପିର ସିଇଓ, ଦୀପକ ଚଟ୍ଟରାଜ ସମ୍ବର୍ଦ୍ଧିତ କରିଥିଲେ। ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ଜୁଲାଇ ୩୦ ତାରିଖରେ ଅନୁଷ୍ଠିତ ବିଶାଳ ଯୋଗାଯୋଗ ପ୍ରୟାସ 'ଉଦ୍ୟମ'ର ଅଧିବେଶନରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦୁଇ ଜଣିଆ ଆରଏସପି ଦଳରେ ଷ୍ଟିଲ ମେଲ୍ଟିଂ ସପ-୨ ଅପରେସନ ବିଭାଗର ଡିଜିଏମ, ଏସ ଏସ ପଣ୍ଡା ଏବଂ ସିଷ୍ଟ୍ରୋଲୋଜିକ ଇଞ୍ଜିନିୟରିଂ ସର୍ଭିସେସ ବିଭାଗର ମ୍ୟାନେଜର, ସମିର ମିଶ୍ର ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, ସେଲ ଅଧିନସ୍ଥ ଏମଟିଆଇ ରାଞ୍ଚି ଦ୍ୱାରା ଜାତୀୟ ଏଚଆରଡି ନେଟ୍‌ୱାର୍କ ରାଞ୍ଚି ଶାଖାର ସହଭାଗିତାରେ ଏହି କୁଇଜ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମାନଜନକ ପ୍ରତିଯୋଗିତାରେ ସେଲ ଅଧିନସ୍ଥ ବିଭିନ୍ନ ୟୁନିଟ ଏବଂ ଅନ୍ୟ ବୃହତ କର୍ପୋରେଟ ହାଉସ ତଥା ବିଭିନ୍ନ ପ୍ରମୁଖ ପ୍ରତିଷ୍ଠାନରୁ ଆସିଥିବା ୮୦ ଟି ଦଳ ଅଂଶଗ୍ରହଣ କରିଥିଲେ । ଏହାର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ଶ୍ରେଷ୍ଠ ଛଅଟି ଦଳ ମଧ୍ୟରେ ଟିସିଏସ ଚେନାଇ, ଏର୍ନଷ୍ଟ ଆଣ୍ଡ ୟଙ୍ଗ ଦିଲ୍ଲୀ, କ୍ୟାପଜେମିନୀ କୋଲକତା, ଆରବିଆଇ ମୁମ୍ବଇ, ମେଟାଲ ଜଙ୍କସନ କୋଲକାତା ଏବଂ ସେଲ ଆରଏସପି ସାମିଲ ଥିଲା। ଏହି କୁଇଜ ବିଭିନ୍ନ ବିଷୟ ଯଥା ସଦ୍ୟତମ ବିଜିନେସ ଓ ପରିଚାଳନାଗତ ତତ୍ତ୍ୱ, ମାର୍କେଟିଙ୍ଗ, ବ୍ରାଣ୍ଡ, ବିଜିନେସ ବ୍ୟକ୍ତିତ୍ୱ, ବିଜ୍ଞାପନ, ସାଂପ୍ରତିକ ବିଜିନେସ କାର୍ଯ୍ୟକ୍ରମ ଆଦି ଉପରେ ଆଧାରିତ ଥିଲା। ଉକ୍ତ ପ୍ରତିଯୋଗିତାକୁ ବିଶିଷ୍ଟ କୁଇଜ ମାଷ୍ଟର ଅଜୟ ପୁନିୟା ପରିଚାଳନା କରିଥିଲେ।

ଓଡ଼ିଶା ଲେଖିକା ସଂସଦ ବର୍ଷା ସାହିତ୍ୟ ଆସର

ସାହିତ୍ୟ ସମାରୋହ
ଓଡ଼ିଶା ଲେଖିକା ସଂସଦ
ସୁନ୍ଦରଗଡ ଶାଖା, ରାଉରକେଲା

ରାଉରକେଲା, ୫।୮(ନି.ପ୍ର): ଓଡିଶା ଲେଖିକା ସଂସଦ ସୁନ୍ଦରଗଡ ଶାଖା ରାଉରକେଲାର ବର୍ଷା ସାହିତ୍ୟ ଆସର ଓ ସତ୍ୟର ଅନୁଧାବନରେ ମଣିଷ' ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ମୁନିସିପ୍ ସର୍କଲ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କବି ଅଶୋକ ମହାପାତ୍ରଙ୍କ ବିୟୋଗରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ପରେ ସଂସଦ ସଭାପତି ଅଳକା ଚାନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଡାକ୍ତର ବିଶ୍ୱଜିତ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ହୃଷିକେଶ ରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡା.ମହାପାତ୍ର କହିଲେ ଯେ, ମନୋଭାବର ପରିବର୍ତ୍ତନ କଲେ ଆମେ କରୁଥିବା କାମକୁ ଭଲପାଇପାରିବା। ନିଜ କର୍ମକୁ ଭଲପାଇଲେ ତାହାହିଁ ସୁଖ ହୋଇଥାଏ। ଯଦି ସମସ୍ତେ ନିରାମୟ ରହିପାରିବେ ଓ ଶୁଭ ଭାବନା ଭିତରେ ରହିପାରିବେ ତେବେ ସମାଜକୁ ସୁଖ ଆସିପାରିବ। ଯଦି ଜଣେ ସର୍ଜନଶୀଳ ହୁଏ ତେବେ ସେ ସୁଖୀ ହୋଇପାରିବ। ମୁଖ୍ୟବକ୍ତା ଶ୍ରୀ ସାହୁ କହିଲେ ଯେ, ସମାଜରେ ଦୁଇ ପ୍ରକାରର ମଣିଷ ଅଛନ୍ତି। ପ୍ରଥମତଃ ଯେଉଁମାନେ ସୁଖ ଖୋଜନ୍ତି ଓ ଦ୍ୱିତୀୟତଃ ଯେଉଁମାନେ ସତ୍ୟ ଖୋଜନ୍ତି। ସୁଖ ଖୋଜୁଥିବା ମଣିଷ ଠାରୁ ସୁଖ ଦୂରେଇ ଯାଏ । ସତ୍ୟ ଖୋଜୁଥିବା ମଣିଷକୁ ସୁଖ ପ୍ରାପ୍ତ ହୋଇଥାଏ। ନିଜର ଚିନ୍ତା, କର୍ମ ଓ ବାଣୀ ମଧ୍ୟରେ ସଂହତି ହିଁ ସୁଖ ଆଣିଦିଏ। ଅନ୍ୟର ଜୀବନକୁ ଆଲୋକିତ କଲେ ଓ ମହକିତ କଲେ ସୁଖ ମିଳେ। କୃତଜ୍ଞତା ହିଁ ସୁଖ। ସଭାପତିତ୍ୱ କରୁଥିବା ଶ୍ରୀମତୀ ଚାନ୍ଦ ସଭାପତିତ୍ୱ ଭାଷଣରେ କହିଲେ ଯେ, ଆମେ ଆମର ସାଂସ୍କୃତିକ ଭାବଧାରା ଠାରୁ ଦୂରେଇ ଯାଉଥିବାରୁ ଦୁଃଖୀ ହେଉଛୁ। ଭାରତ ସୁଖୀ ଦେଶମାନଙ୍କ ତାଲିକାରେ ବିଶ୍ୱର ୧୩୩ତମ ସ୍ଥାନରେ ଅଛି। ଆମର ବ୍ୟବସ୍ଥା ଓ ଆଭିମୁଖ୍ୟ ପରିବର୍ତ୍ତନ ନ ହେଲେ ଆମେ ସୁଖୀ ହୋଇପାରିବା ନାହିଁ। କାର୍ଯ୍ୟକ୍ରମକୁ ଡଃ କିଶୋରୀ ଦାଶ ସଂଯୋଜନା କରିଥିବା ବେଳେ ପ୍ରଥମ ପର୍ଯ୍ୟାୟ ପରେ ଧନ୍ୟବାଦ ଦେଇଥିଲେ ପ୍ରାଧ୍ୟାପିକା ତପସ୍ୱିନୀ ବହିଦାର। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ସଂଯୋଜନା କରିଥିଲେ ଜ୍ୟୋତ୍ସ୍ନା ନାୟକ ଓ ବିଜୟିନୀ ବହିଦାର। ହରିହର ଶତପଥୀ, ଶୈଳବାଳା ଷଡଙ୍ଗୀ, ସୁସ୍ମିତା ମହାପାତ୍ର, ମୀନକେତନ ପଶାୟତ, କୁଞ୍ଜବିହାରୀ ରାଉତ, କିଶୋରୀ ମୋହନ କର, ସ୍ୱରୂପ ମହାପାତ୍ର, ବଳରାମ ଭାଇଜ, ତ୍ରିନାଥ ସିଂ, ଚିତ୍ତରଞ୍ଜନ ବୁଢା, ତ୍ରିଲୋଚନ ସ୍ୱାଇଁ, ଅବନୀନ୍ଦ୍ର ଓଝା, ବିଜୟିନୀ ବହିଦାର, ସ୍ନେହଲତା ନାୟକ, ଜ୍ୟୋତ୍ସ୍ନାକୁମାରୀ ନାଏକ ପ୍ରମୁଖ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରିକାପ୍ରଭା ପଟ୍ଟନାୟକ, ଜ୍ୟୋତିର୍ମୟୀ ଜେନା, ପ୍ରଣତି ଦାଶ, ଅକ୍ଷୟ ଦାସ, ସୁଶାନ୍ତ ନାୟକ, ଉପେନ୍ଦ୍ର ବହିଆ, ମଞ୍ଜୁଳା ପାତ୍ର, ପଶୁପତିନାଥ ତାରାଇ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ସନ୍ତୋଷ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିବା ବେଳେ ସ୍ୱର୍ଣ୍ଣ ଦେବୀ ଧନ୍ୟବାଦ ଦେଇଥିଲେ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଉପକରଣ ପ୍ରଦର୍ଶନୀ

ଦେବଗଡ଼,୫।୮(ନି.ପ୍ର): ଗତ ୩ ତାରିଖ ଶନିବାର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଉପକରଣ ପ୍ରଦର୍ଶନୀ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ଗୁରୁଜୀ,ଗୁରୁମା ଦୀର୍ଘ ୧୫ ଦିନ ମଧ୍ୟରେ ସମସ୍ତ ବିଷୟରେ ପ୍ରାୟ ୨୦୦ଟି ଉପକରଣ ତିଆରି କରିଥିଲେ। ପରିଚାଳନା ସମିତିର ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ଉପକରଣ ପ୍ରଦର୍ଶନୀ ଉତ୍ସବ ଉଦ୍‌ଘାଟନ କରିଥିଲେ। ପରିଚାଳନା ସମିତି ସଦସ୍ୟ, ସଦସ୍ୟା, ବିଦ୍ୟାଳୟର ଗୁରୁଜୀ, ଗୁରୁମା, ଶିଶୁ ଭାରତୀ ଏବଂ ଅଭିଭାବକ ଅଭିଭାବିକା ଉତ୍ସବରେ ଯୋଗ ଦେଇ ଉତ୍ସବକୁ ସାଫଲ୍ୟମଣ୍ଡିତ କରିଥିଲେ।

ଏସ୍ ଷ୍ଟୋନ୍ କ୍ରାଫ୍ଟ ଲିମିଟେଡ୍
[illegible]
ୱେବସାଇଟ: www.acestonecraft.com
ଇମେଲ: contactus@acestonecraft.com
ଟେଲିଫୋନ: 0124-4577736
CIN: [illegible]
ବିଜ୍ଞପ୍ତି
[illegible]
www.acestonecraft.com [illegible]
ବୋର୍ଡ ଅଫ୍ ଡାଇରେକ୍ଟରଙ୍କ ନିର୍ଦ୍ଦେଶକ୍ରମେ
ଏସ୍ ଷ୍ଟୋନ୍ କ୍ରାଫ୍ଟ ଲିମିଟେଡ୍
ସ୍ୱା/-
ତାରିଖ: ୦୫ ଅଗଷ୍ଟ, ୨୦୧୯ [illegible]
ସ୍ଥାନ: ଗୁରୁଗ୍ରାମ (ମ୍ୟାନେଜିଂ ଡାଇରେକ୍ଟର)